# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**09 August - 2024**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ଭାରତଛାଡ ଆନ୍ଦୋଳନ ଦେଶ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ
- ହର ଘର ତ୍ରିରଙ୍ଗା ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଦେଲେ ଆହ୍ୱାନ
- ଜନଜାତି ସମ୍ପ୍ରଦାୟ ଲୋକଙ୍କ ଅଧିକାର, ସୁରକ୍ଷାର ବାର୍ତ୍ତା ନେଇ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି ଜନଜାତି ଦିବସ

ଏବଂ

- ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେଲା ୭୧ତମ ରାଜ୍ୟ ଭାରୋତ୍ତଳନ ପ୍ରତିଯୋଗିତା

# ଅଗଷ୍ଟ କ୍ରାନ୍ତିଦିବସ

ଭାରତ ଇତିହାସରେ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ସମଗ୍ର ଦେଶ ପାଳନ କରୁଛି । ଦେଶ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ବଡ଼ ଇଂରେଜ ବିରୋଧୀ ଆନ୍ଦୋଳନ ଆଜିର ଦିନରେ ଆରମ୍ଭ ହୋଇଥିଲା । ୧୯୪୨ ଅଗଷ୍ଟ ୮ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ଆନ୍ଦୋଳନ କ୍ରାନ୍ତିର ରୂପ ନେଇଥିଲା। ମହାତ୍ମା ଗାନ୍ଧୀଙ୍କର ଭାରତଛାଡ଼ ଆନ୍ଦୋଳନ ଡାକରା 'କର ବା ମର' ସ୍ଥିତି ସୃଷ୍ଟି କରିଥିଲା । ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ। ଅଗଷ୍ଟ କ୍ରାନ୍ତି ଦିବସରେ ଦେଶରେ ବିଭିନ୍ନ ଜାତୀୟତାବୋଧ କାର୍ଯ୍ୟକ୍ରମମାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପାଳନ କରାଯିବ ।

ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱାଧୀନ ଆନ୍ଦୋଳନରେ ଭାଗ ନେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଭାରତ ଛାଡ଼ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଏହି ଅବସରରେ ଏକ ଭିଡିଓ ବାର୍ତ୍ତାରେ ନିଜର ମତ ବ୍ୟକ୍ତ କରି ଶ୍ରୀ ମୋଦୀ କହିଛନ୍ତି, ଔପନିବେଶିକ ଶାସନରୁ ମୁକ୍ତି ପାଇଁ ଭାରତର ସଂଗ୍ରାମରେ ଭାରତ ଛାଡ଼ ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ହର୍ ଘର୍ ତିରଙ୍ଗା ଅଭିଯାନକୁ ପୁଣି ଥରେ ସ୍ମରଣୀୟ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ମୋଦୀ ଲୋକଙ୍କୁ ଉତ୍ସାହିତ କରିଛନ୍ତି ।

# - V/O -

ଅଗଷ୍ଟ କ୍ରାନ୍ତିଦିବସ ଅବସରରେ **ରାଜ୍ୟପାଳ** ରଘୁବର ଦାସ କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନର ପ୍ରତୀକ ହେଉଛି ଅଗଷ୍ଟ କ୍ରାନ୍ତି ଦିବସ। ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱାଧୀନତାରେ ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଯୁଗଯୁଗ ଧରି ଆମ ପାଇଁ ଆଦର୍ଶ ହୋଇ ରହିବ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ବାର୍ତ୍ତାରେ କହିଛନ୍ତି, ଦେଶର ସ୍ୱାଧୀନତା ପାଇଁ  ବଳିଦାନ ଦେଇଥିବା ସମସ୍ତ ସଂଗ୍ରାମୀଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।

**ନବରଙ୍ଗପୁର** ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମୀ ସହିଦ ସ୍ମୃତି ସଂସଦ ଆନୁକୁଲ୍ୟରେ ଅଗଷ୍ଟ କ୍ରାନ୍ତିଦିବସ ପାଳିତ ହୋଇଛି।  ଜିଲ୍ଲାର କୋଷାଗାର କାର୍ଯ୍ୟାଳୟ ପରିସରରେ ଥିବା ବ୍ରିଟିଶ ଶାସନ ସମୟର ପୁରୁଣା ଜେଲ ନିକଟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କ୍ରାନ୍ତି ଦିବସ ପାଳନ କରାଯାଇଥିଲା।

# ହର୍ ଘର ତ୍ରିରଙ୍ଗା

ଆସନ୍ତା ୧୫ ତାରିଖ ଦେଶ ସ୍ୱାଧୀନତାର ୭୭ ବର୍ଷ ପାଳନ ଅବସରରେ ଏହି ଅଭିଯାନ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ଜାତୀୟ ରାଜଧାନୀ ଦିଲ୍ଲୀରେ ଅଗଷ୍ଟ ୧୩ ତାରିଖ ଦିନ ସାଂସଦଙ୍କ ତ୍ରିରଙ୍ଗା ବାଇକ ରାଲି ବାହାରିବ । ହର୍ ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏକ ସାମ୍ବାଦିକ ସମ୍ମଳନୀରେ କହିଛନ୍ତି। ଶେଖାୱତ କହିଛନ୍ତି, ଏହାର ଉଦ୍ଦେଶ୍ୟ ନାଗରିକଙ୍କ ମଧ୍ୟରେ ଦେଶଭକ୍ତି ଓ ଜାତୀୟ ଗୌରବର ଭାବନା ସୃଷ୍ଟି କରିବା। ଦେଶର ପ୍ରତ୍ୟେକ ନାଗରିକଙ୍କୁ ନିଜ ଘରେ ତ୍ରିରଙ୍ଗା ପତାକା ଉଡାଇବା ସହିତ ଏକ ସେଲ୍ଫି ନେଇ ଏହାକୁ ହର୍ ଘର ତ୍ରିରଙ୍ଗା ଡଟ୍ କମରେ ଅପଲୋଡ କରିବାକୁ ନିବେଦନ କହିଛନ୍ତି।

ହର୍ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଜାତୀୟ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏଭଳି ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ଆଜି ଆହ୍ୱାନରେ ପରିଣତ ହୋଇଛି।

## ମୋହନ ଭାଗବତ-ପୁରୀ ଗସ୍ତ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଆଜି ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ଣରେ ଗୋବର୍ଦ୍ଧନ ପୀଠ ଯାଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଆସନ୍ତାକାଲି ଏବଂ ରବିବାର ଦିନ ପୁରୀଠାରେ ସ୍ୱୟଂସେବକ ସଂଘର ପ୍ରାନ୍ତଃସେବା ପ୍ରମୁଖ ବୈଠକରେ ମୋହନ ଭାଗବତ ଯୋଗଦେବେ।

## ବାଲାଶ୍ରମ-ଲୋକାର୍ପଣ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ପୁରୀ ନରେନ୍ଦ୍ର କୋଣସ୍ଥିତ ବାଲାଶ୍ରମର ନବନିର୍ମିତ କୋଠାକୁ ଲୋକାର୍ପଣ କରିଛନ୍ତି। ରାଜ୍ୟରେ ଏହି ବାଲାଶ୍ରମର ସ୍ଥାନ ଉଚ୍ଚରେ ରହିଛି ବୋଲି ଶ୍ରୀମତୀ ପରିଡା କହିଛନ୍ତି। ବାଲାଶ୍ରମର ଅନ୍ତେବାସୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହିତ ଉତ୍ତମ କାର୍ଯ୍ୟକଳାପ ପାଇଁ ଶିକ୍ଷା ଦେବା ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଗୁରୁତ୍ୱାରୋପ କରିଥିଲେ।

## ଜନଜାତି ଦିବସ

ଜନଜାତି ସଂପ୍ରଦାୟର ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ସଂପର୍କରେ ସଚେତନତା ସୃଷ୍ଟି କରବା ପାଇଁ ବିଶ୍ୱରେ ଆଜି ଜନଜାତି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଜେନେଭା ଠାରେ ଆୟୋଜିତ

ଜନଜାତି ଜନସଂଖ୍ୟା ସଂପର୍କିତ ପ୍ରଥମ ଜାତିସଂଘ କାର୍ଯ୍ୟକାରିଣୀ ସମୂହ ବୈଠକରେ ଏହି ଦିବସକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା ।  ପରିବେଶ ସୁରକ୍ଷା ସହ ଜଡ଼ିତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଆଦିବାସୀ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଏବଂ ଭୂମିକାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ଜନଜାତି ଦିବସ ପାଳନର ବାର୍ତ୍ତା ରହିଛି "ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ  ପ୍ରସାରରେ ଜନଜାତି ମହିଳାଙ୍କ ଭୂମିକା" ।

ବିଶ୍ୱ ଜନଜାତି ଦିବସର ଶୁଭେଚ୍ଛା ଜଣାଇ **ରାଜ୍ୟପାଳ** ରଘୁବର ଦାସ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ପ୍ରକୃତିର ପୂଜକ, ଆଦି କାଳରୁ ସଭ୍ୟତା ଓ ସଂସ୍କୃତିକୁ ସଂରକ୍ଷିତ କରି ରଖିବାରେ ଜନଜାତି ସମ୍ପ୍ରଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ।

ବିଶ୍ୱ ଜନଜାତି ଦିବସରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶ ତଥା ରାଜ୍ୟର ସମସ୍ତ ଜନଜାତି ସମ୍ପ୍ରଦାୟର ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଏବଂ ଦେଶର ବିକାଶରେ ସେମାନଙ୍କ ଅବଦାନକୁ ସମ୍ମାନ ଦେବା ସରକାରଙ୍ଗକ ଦାୟିତ୍ୱ ।

## ଜନଜାତି ଦିବସ

ଜନଜାତି ଦିବସ ଅବସରରେ **ସୁବର୍ଣ୍ଣପୁର** ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ପାରମ୍ପରିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହି

ସମାବେଶରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ବିକାଶରେ ଆଦିବାସୀମାନଙ୍କର ଯୋଗଦାନ, ଜଙ୍ଗଲ ସୁରକ୍ଷା ଏବଂ ପରିବେଶର ସୁରକ୍ଷା ସମ୍ବନ୍ଧରେ ମତ ରଖିଥିଲେ।

## ଗଙ୍ଗାଧର ମେହେର

ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଜଗତର ଜଣେ ଚିର ଜାଜ୍ୱଲ୍ୟମାନ ବ୍ୟକ୍ତିତ୍ୱ। କବି ଗଙ୍ଗାଧର ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ। ଭାରତୀୟ ସାହିତ୍ୟରେ ତାଙ୍କୁ ଜଣେ ମହାନ କବି ଭାବେ ଗଣନା କରାଯାଏ।  କବି ଗଙ୍ଗାଧର ମେହେର କବିତା ମାଧ୍ୟମରେ ସ୍ୱଭାବକୁ ଲେଖନୀ ବଖାଣିବାରେ ସିଦ୍ଧହସ୍ତ ଥିଲେ। କବିଙ୍କର **ତପସ୍ୱିନୀ** କାବ୍ୟ ଏବଂ **ମଙ୍ଗଳେ ଅଇଲା ଉଷା** ଓଡ଼ିଶାର ଘରେ ଘରେ ପରିଚିତ। ସେହିଭଳି ଇନ୍ଦୁମତି, କୀଚକ ବଧ, ପ୍ରଣୟ ବଲ୍ଲରୀ, ଉତ୍କଳ ଲକ୍ଷ୍ମୀ, ଅଯୋଧ୍ୟା ଦୃଶ୍ୟ ଭଳି ଉଚ୍ଚକୋଟିର କାବ୍ୟକବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ କବି ଗଙ୍ଗାଧର ତେଜୀୟାନ୍ କରିଥିଲେ। ୧୮୬୨ ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଏବଂ ବର୍ତ୍ତମାନର ବରଗଡ଼ ଜିଲ୍ଲାର ବରପାଲିରେ କବି ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଜନ୍ମ ଦିବସରେ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ବୈଠକ

**ଭଦ୍ରକ** ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରମୋଦ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ

ହୋଇଛି। ବୈଠକରେ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଚକ୍ରଧର ସେଠୀ ପ୍ରମୁଖ ଯୋଗଦେଇ ହର୍ ଘର୍ ତ୍ରିରଙ୍ଗା, ସ୍ୱଚ୍ଛ ଭାରତ ଏବଂ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ସହ ପରିବେଶ ସୁରକ୍ଷା ପାଇଁ 'ମା'ଙ୍କ ପାଇଁ ଗଛଟିଏ' ଚାରାରୋପଣ କରିବାକୁ ମତ ପୋଷଣ କରିଥିଲେ।

## ମୋବାଇଲ ଉଦ୍ଧାର

ବାଚସ୍ପତି ସୁରମା ପାଢ଼ୀ ଜିଲ୍ଲାରେ ଶାନ୍ତି ରକ୍ଷା **ନୟାଗଡ଼** ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପୁଲିସ୍ ପ୍ରଶାସନ ପକ୍ଷରୁ ଅପରେସନ ମିସିଂ ମୋବାଇଲ କାର୍ଯ୍ୟକ୍ରମ ମଧ୍ୟ ଆଜି ଅନୁଷ୍ଠିତ ହୋଇଛି। ହଜି ଯାଇଥିବା ମୋବାଇଲ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲା ପୁଲିସ୍ ୧ ମାସ ମଧ୍ୟରେ ୨୦୦ଟି ଚୋରା ମୋବାଇଲ୍ ଜବତ କରି ଲୋକଙ୍କୁ ଫେରାଇଛି। ପୁଲିସ୍‌ର ଏହି ସଫଳତାକୁ ସବୁ ଜିଲ୍ଲାରେ ଆପଣେଇବା ପାଇଁ ବାଚସ୍ପତି ଆହ୍ୱାନ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ଶାନ୍ତି ପ୍ରତିଷ୍ଠା ପାଇଁ ୧୩ଟି ପୁଲିସ୍ ଥାନାରେ ବରିଷ୍ଠ ନାଗରିକ ଡେସ୍କ ଆରମ୍ଭ କରାଯିବା ସହ ୧୦ ଜଣ ତାଲିମପ୍ରାପ୍ତ ମହିଳା କନେଷ୍ଟବଲଙ୍କୁ ନେଇ ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡ ଗଠନ କରାଯାଇଛି।

## ଭାରୋତ୍ତଳନ ପ୍ରତିଯୋଗିତା

ଓଡ଼ିଶା ଭାରୋତ୍ତଳନ ଆସୋସିଏସନ୍ ଆନୁକୂଲ୍ୟରେ ବ୍ରହ୍ମପୁରଠାରେ ଆଜିଠାରୁ ୩ ଦିନ ଧରି ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ୭୧ତମ ରାଜ୍ୟ ଭାରୋତ୍ତଳନ ଚାମ୍ପିଅନ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ବ୍ରହ୍ମପୁର ବିଧାୟକ

କେ.ଅନୀଲ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨୦ ଜଣ ପୁରୁଷ ଏବଂ ୪୦ ଜଣ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଜାତୀୟ ସ୍ତରରେ ପ୍ରତିଯୋଗିତା ଚୟନ ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି ବୋଲି ଆସୋସିଏସନ୍‌ର ସଭାପତି ଇଞ୍ଜିନିୟର ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି।

## ହୀରାକୁଦ ଜଳଭଣ୍ଡାର

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ  ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ଆଜି ଆଉ ୬ଟି ଗେଟ୍ ଖୋଲିଛନ୍ତି। ବର୍ତ୍ତମାନ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରକୁ ପ୍ରତିସେକେଣ୍ଡ୍‌ରେ ଜଳଭଣ୍ଡାରକୁ ୨ ଲକ୍ଷ ୬୮ ହଜାର ୯୧୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୪୮ ହଜାର ୮୫୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧିପାଇ ୬୧୨ ଦଶମିକ୫/୨ ଫୁଟରେ ପହଞ୍ଚିଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ସମ୍ବଲପୁର, ସୋନପୁର, ନୟାଗଡ, ଅନୁଗୁଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଆଦି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

*******************************
**